# ଭଏସ୍ ଫର୍ ଚାଇଲଡ୍ ରାଇଟସ୍, ଓଡିଶା (ଭି.ସି.ଆର୍.ଓ.)

## (ଶିଶୁ ଅଧିକାର ସୁରକ୍ଷା ଓ ଅଗ୍ରଗତି ପାଇଁ କାର୍ଯ୍ୟରତ ଏକ ସିଭିଲ୍ ସୋସାଇଟି ମେଣ୍ଟ)

### ସଂକ୍ଷେପରେ ଭି.ସି.ଆର୍.ଓ.:

ଭଏସ୍ ଫର୍ ଚାଇଲଡ୍ ରାଇଟସ୍, ଓଡିଶା (ଭି.ସି.ଆର୍.ଓ.) ହେଉଛି ଶିଶୁ ଅଧିକାରସମୂହର ସୁରକ୍ଷା ଓ ଅଗ୍ରଗତି ତଥା ଏହା ସଂପର୍କୀତ ସାଧାରଣ ପ୍ରସଙ୍ଗଗୁଡିକୁ ନେଇ ଓଡିଶାରେ କାର୍ଯ୍ୟରତ ଥିବା ବହୁ ସମ ମନୋଭାବାପନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟକ୍ତିବିଶେଷ ଏବଂ ଗଣସଂଗଠନଗୁଡିକର ଏକ ସିଭିଲ୍ ସୋସାଇଟି ମେଣ୍ଟ । ଭି.ସି.ଆର୍.ଓ. ବିଶ୍ୱାସ କରେ ଯେ, ଶିଶୁମାନେ ହେଉଛନ୍ତି ଏକ ସ୍ୱତନ୍ତ୍ର ଗୋଷ୍ଠୀ, ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ଅଧିକାର ଓ ପ୍ରୟୋଜନମାନ ରହିଛି । ଯଦିଓ ଭି.ସି.ଆର୍.ଓ.ର ଲକ୍ଷ୍ୟସମୂହର କେନ୍ଦ୍ରବିନ୍ଦୁ ହେଉଛି ଶିଶୁ ଅଧିକାରର ସୁରକ୍ଷା ଓ ବିକାଶ, କିନ୍ତୁ ଏହା ଦ୍ୱାରା ଅନୁସୃତ କାର୍ଯ୍ୟପ୍ରକ୍ରିୟାରେ ଏକ ସାମଗ୍ରୀକ ଦୃଷ୍ଟିଭଙ୍ଗୀ ପୋଷଣ କରାଯାଇଛି, କାରଣ ଶିଶୁ ଅଧିକାର ପ୍ରସଙ୍ଗକୁ ବିଚ୍ଛିନ୍ନ ଭାବେ ମୁକାବିଲା କରାଯାଇ ପାରିବନି । ସୁତରାଂ ସାଧାରଣ ଜନସ୍ୱାର୍ଥକୁ କେନ୍ଦ୍ରବିନ୍ଦୁ କରି ଦଳିତ, ଦଳିତଳାନ୍ତ ଏବଂ ବଞ୍ଚିତ ଜନଗୋଷ୍ଠୀମାନଙ୍କର ଉନ୍ନତି ଏବଂ ସଶକ୍ତୀକରଣ ମାଧ୍ୟମରେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଉଦ୍ଦେଶ୍ୟରେ ବିଭିନ୍ନ ଜନକୈନ୍ଦ୍ରିକ ପ୍ରଚାରଅଭିଯାନ ତଥା କାର୍ଯ୍ୟକ୍ରମ ଆୟୋଜନରେ ଭି.ସି.ଆର୍.ଓ. ନିଜକୁ ନିୟୋଜିତ କରିଥାଏ ।

### ପରିକଳ୍ପନା

ଏହି ମେଣ୍ଟ ଏଭଳି ଏକ ସମାଜର ପରିକଳ୍ପନା କରିଥାଏ, ଯେଉଁଠି ଗୋଟିଏ ଶିଶୁର ସାମଗ୍ରୀକ ବିକାଶ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଅଧିକାରର ପରିପୂରଣ ସୁନିଶ୍ଚିତ ହୋଇପାରୁଥିବ ।

### ମିଶନ୍

ଭାରତର ସମ୍ବିଧାନ ଏବଂ ମିଳିତ ଜାତିସଂଘର ଘୋଷଣାନାମାର ପରିସୀମା ଭିତରେ ରହି ଶିଶୁ ଅଧିକାରସମୂହର ଉପଲବ୍ଧିକୁ ସୁନିଶ୍ଚିତ କରିବା ଦିଗରେ ସିଭିଲ୍ ସୋସାଇଟିକୁ ଜାଗ୍ରତ କରିବା ତଥା ଜନ ଆନ୍ଦୋଳନ ଗଢି ତୋଳିବା ।

### ଇତିହାସ ଏବଂ ବିକାଶ

ଓଡିଶା ରାଜ୍ୟରେ ଶିଶୁ ଅଧିକାରସମୂହର ସୁରକ୍ଷା ଓ ଅଗ୍ରଗତି ପାଇଁ କାର୍ଯ୍ୟରତ ସମ ମନୋଭାବାପନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବି ଏବଂ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ବୃହତ୍ ଗୋଷ୍ଠୀ କ୍ରାଏ, କୋଲକାତାର ସହାୟତା କ୍ରମେ ୧୬ ଜୁନ୍ ୨୦୦୪ରୁ ଶିଶୁ ଅଧିକାର ମେଣ୍ଟ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ, ଏବଂ ସେବେଠାରୁ ଓଡିଶାରେ ଭି.ସି.ଆର୍.ଓ. ପ୍ରକ୍ରିୟାର ସୂତ୍ରପାତ ଘଟିଥିଲା । ସେହି ସମୟରେ ଏହାର କାର୍ଯ୍ୟାବଳୀର କେନ୍ଦ୍ରବିନ୍ଦୁ ଥିଲା ପ୍ରାଥମିକ ଶିକ୍ଷା, ଶିକ୍ଷାର ଗୁଣାତ୍ମକତା ବୃଦ୍ଧି, ସମରୂପ ସ୍କୁଲ୍ ବ୍ୟବସ୍ଥା, ନୂତନ ଶିକ୍ଷା ପଦ୍ଧତି ତଥା ଶିଶୁ ମୃତ୍ୟୁ ଏବଂ ଶିଶୁ ଶ୍ରମ ସଂପର୍କୀତ ପ୍ରସଙ୍ଗମାନ । କିନ୍ତୁ, ବ୍ୟାପକ ଆକାରର ଶିଳ୍ପାୟନ ଏବଂ ବିସ୍ଥାପନ କାରଣରୁ ସେତେବେଳେ ଜମି, ଜଙ୍ଗଲ ଓ ଜଳ ଇତ୍ୟାଦି ଉପରେ ଲୋକଙ୍କ ଅଧିକାରସମୂହ ଉପରେ ଯେଉଁ ଆକ୍ରମଣ ଘଟି ଚାଲୁଥିଲା ଏବଂ ସେହି କାରଣରୁ 'ବିକାଶ'ର ଏକ ପରିବର୍ତ୍ତୀତ ସଂଜ୍ଞାୟନ ଆମକୁ ସାମନା କରିବାକୁ ପଡୁଥିଲା, ତାକୁହିଁ ଦୃଷ୍ଟିରେ ରଖି ଉକ୍ତ ମେଣ୍ଟକୁ ବ୍ୟାପକତର ରୂପ ଦେବାର ଆବଶ୍ୟକତା ଅନୁଭୂତ ହୋଇଥିଲା ।

ଜିଲ୍ଲା, ଅଞ୍ଚଳ ଏବଂ ରାଜ୍ୟ ସ୍ତରରେ 'ବିସ୍ଥାପନର କ୍ରମପରିଣତି, ତଦ୍‌ଜନିତ ସମସ୍ୟାବଳୀର ବିଶ୍ଳେଷଣ ଏବଂ ଦୃଷ୍ଟିଭଙ୍ଗୀ ନିରୂପଣ' ଉପରେ ଅନୁଷ୍ଠିତ ଲଗାତାର ମାନସମନ୍ଥନ ଫଳରେ ଶିଶୁ ଅଧିକାର ପ୍ରସଙ୍ଗଗୁଡିକୁ ସାମନା କରିବା କ୍ଷେତ୍ରରେ ଭି.ସି.ଆର୍.ଓ.ର ନିଜସ୍ୱ କାର୍ଯ୍ୟଶୈଳୀ ତଥା ଦୃଷ୍ଟିଭଙ୍ଗୀରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଶିଶୁ ଅଧିକାରସମୂହକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଭାବିତ କରୁଥିବା ବିବିଧ ପ୍ରସଙ୍ଗଗୁଡିକୁ ଉତ୍‌ଥାପନ କରିପାରୁଥିବା ବିଭିନ୍ନ ଗଣସଂଗଠନମାନଙ୍କୁ ନେଇ ଭି.ସି.ଆର୍.ଓ. ନିଜେ ଏକ ଜନମଞ୍ଚରେ ପରିଣତ ହୋଇଗଲା । ଏହି ସମୟରେ ପି.ଓ. (ଗଣ ସଂଗଠନ) ମାନଙ୍କର ନେତୃତ୍ୱ ଏବଂ ଏନ୍.ଜି.ଓ.ମାନଙ୍କର ପରାମର୍ଶକାରୀ ଭୂମିକାର ଫଳସ୍ୱରୂପ ଭି.ସି.ଆର୍.ଓ.ର ଏକ ସୁଦୃଢ ଭିତ୍ତିଭୂମି ଗଢିଉଠିଲା, ଯାହାକି ରାଜ୍ୟରେ କାର୍ଯ୍ୟରତ ଥିବା ସି.ସି.ଆର୍.ପି. (ଶିଶୁ ଅଧିକାରସମୂହର ସୁରକ୍ଷା ପାଇଁ ମହାମେଣ୍ଟ) ଏବଂ ସି.ଆର୍. ଆଲାଏନ୍ସ (ଶିଶୁ ଅଧିକାର ମେଣ୍ଟ) ଭଳି ଗୋଷ୍ଠୀ ମାନଙ୍କ ଭିତରେ ପାରସ୍ପରିକ ସମନ୍ୱୟ ସ୍ଥାପନରେ ସହାୟକ ହେଲା ।

୨୦୦୯ରେ ଏକ ପରିବର୍ତ୍ତନର ସୂତ୍ରପାତ ଘଟିଲା; ସେତେବେଳେ ମନେ ହେଲା ଯେ, ଭି.ସି.ଆର୍.ଓ. ପ୍ରକ୍ରିୟାରେ ଗଣସଂଗଠନ ମାନେ ନିଜନିଜର ସମସ୍ୟାବଳୀକୁ ସାମନା କରିବା କ୍ଷେତ୍ରରେ ସାମର୍ଥ୍ୟ ହାସଲ କରି ପାରିଛନ୍ତି, ତେଣୁ ବର୍ତ୍ତମାନ ଠାରୁ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସଂପର୍କୀତ ପ୍ରସଙ୍ଗଗୁଡିକୁ ଉତ୍‌ଥାପନ କରିବାରେ ଏହି ଜନମଞ୍ଚକୁ ଏକ ନିର୍ଣ୍ଣାୟକ ଭୂମିକା ନେବାକୁ ପଡିବ । ତଦନୁଯାୟୀ ସି.ସି.ଆର୍.ପି.ର ପ୍ରତି ଭାଗୀଦାର ସଂଗଠନ ଶିଶୁ ଅଧିକାରସମୂହର ସୁରକ୍ଷା ପ୍ରସଙ୍ଗଗୁଡିକ ଉପରେ ଧ୍ୟାନ ଦେବା ଆରମ୍ଭ କଲେ ଏବଂ ଶିଶୁ ଅଧିକାରସମୂହକୁ ପରୋକ୍ଷଭାବେ ପ୍ରଭାବିତ

କରୁଥିବା ନିର୍ଦ୍ଦିଷ୍ଟ ପ୍ରସଙ୍ଗଗୁଡିକୁ ବୃହତ୍ତର ମେଣ୍ଟ ସମ ମନୋଭାବାପନ୍ନ ସଂଗଠନମାନଙ୍କ ସହାୟତାରେ ଦେଖାଶୁଣା କରି ଚାଲିଲେ । ଏହାର ଫଳ ସ୍ୱରୂପ, ଭି.ସି.ଆର୍.ଓ. ଦ୍ୱାରା ପରିଚାଳିତ ପଲିସି-ସଂପର୍କୀତ ପଦକ୍ଷେପ, ପ୍ରବର୍ତ୍ତନା ଓ ପ୍ରଚାର କାର୍ଯ୍ୟ ଯୋଗୁଁ ଶିଶୁ ଅଧିକାରସମୂହର ଉଲ୍ଲଂଘନର ପ୍ରତିକାର ପାଇଁ ଉଦ୍ଦିଷ୍ଟ ସରକାରୀ ବ୍ୟବସ୍ଥାଗୁଡିକ ଉପରେ ପ୍ରଭାବ ପଡିଲା । ଆୟୋଜିତ ଗଣସମାବେଶଗୁଡିକ ଭି.ସି.ଆର୍.ଓ.କୁ ରାଜ୍ୟର ରାଜନୈତିକ କ୍ଷେତ୍ରରେ ଏକ ସୁଦୃଶ୍ୟ ଚେହେରା ପ୍ରଦାନ କଲା ଏବଂ ଭବିଷ୍ୟତରେ ବୃହତ୍ତର ସମ୍ଭାବ୍ୟ ଚାଲେଞ୍ଜଗୁଡିକୁ ମୁକାବିଲା କରିବା ପାଇଁ ଏହା ସାମର୍ଥ୍ୟ ହାସଲ କରିପାରିଥିଲା । ନାଫ୍ରେ (ଶିକ୍ଷା ଓ ସମତାର ମୌଳିକ ଅଧିକାର ପାଇଁ ଜାତୀୟ ମେଣ୍ଟ) ଭଳି ଏକ ଜାତୀୟ ମଞ୍ଚରେ ଭି.ସି.ଆର୍.ଓ. ମଧ୍ୟ ନିଜର ସ୍ଥିତି ଜାହିର୍ କରିପାରିଥିଲା । ଶିକ୍ଷା ପାଇଁ ଅଧିକାରକୁ ଏକ ମୌଳିକ ଅଧିକାରରେ ପରିଣତ କରିବା ପାଇଁ ପରିଚାଳିତ ହୋଇଥିବା ଜାତୀୟ ଅଭିଯାନରେ ମଧ୍ୟ ଏହା ଏକ ଭୂମିକା ପାଳନ କରିପାରିଥିଲା ।

**ବୃହତ୍ତର ଲକ୍ଷ୍ୟସମୂହ**

- ଓଡିଶାରେ ଶିଶୁ ଅଧିକାରସମୂହର ଅଗ୍ରଗତି ଏବଂ ସୁରକ୍ଷା ପାଇଁ ଅଭିଯାନ ପରିଚାଳନା କରିବା ।
- ନିଜର ସଦସ୍ୟଗଣ ଏବଂ ବୃହତ୍ତର ସମାଜ ପାଇଁ ଶିଶୁ ଅଧିକାର ପ୍ରସଙ୍ଗସମୂହକୁ କେନ୍ଦ୍ର କରି ପରିଦୃଷ୍ଟି ଗଢିତୋଳିବା ।
- ଗଣ ସଂଗଠନଗୁଡିକର ବିକାଶ ଏବଂ ସଶକ୍ତୀକରଣ ତଥା କାର୍ଯ୍ୟଶୈଳୀରେ ସେମାନଙ୍କର ସାମର୍ଥ୍ୟ ବୃଦ୍ଧି ଘଟାଇବା ।
- ଶିଶୁ ଅଧିକାର ପରିଦୃଷ୍ଟିରୁ ସମାଜର ବୃହତ୍ତର ପ୍ରସଙ୍ଗସମୂହକୁ ବୁଝିବା ଏବଂ ସାମନା କରିବା ।
- ଆବଶ୍ୟକୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଶିଶୁ ଭାଗିଦାରିତାର ଅଭିବୃଦ୍ଧି ଘଟାଇବା ।
- ଆବଶ୍ୟକ ଭତ୍ତିରେ ବିଭିନ୍ନ ସଂଗଠନ ଏବଂ ନେଟ୍‌ୱାର୍କ ଗୁଡିକ ସହିତ ମେଣ୍ଟ ଗଢିତୋଳିବା ତଥା ଲୋକ-ଭିତ୍ତିକ ପ୍ରଚାର ଅଭିଯାନ ଆରମ୍ଭ କରିବା ।
- ଶିଶୁ ଅଧିକାର ପ୍ରସଙ୍ଗସମୂହ ଉପରେ ଅଧ୍ୟୟନ, ଗବେଷଣା ଏବଂ ତଥ୍ୟସଂକଳନ ମାଧ୍ୟମରେ ମେଣ୍ଟର ଭାଗିଦାର ସଦସ୍ୟମାନଙ୍କର ଦକ୍ଷତାବୃଦ୍ଧି ଘଟାଇବା ।

**କାର୍ଯ୍ୟପରିସର**

ଏକ ମେଣ୍ଟ ଭାବେ ଭି.ସି.ଆର୍.ଓ. ଓଡିଶାର ଭୌଗଳିକ ପରିସୀମା ଭିତରେ କାର୍ଯ୍ୟରତ ଅଛି । ଏହି ମେଣ୍ଟର କାର୍ଯ୍ୟ ମୁଖ୍ୟତଃ ୯ଟି ଭାଗୀଦାର ସଂଗଠନ, ୧୦ଟି ଜିଲ୍ଲା ଶାଖା ଏବଂ ୨୦ଟି ଜନ ସଂଗଠନକୁ କେନ୍ଦ୍ର କରି ଅବ୍ୟାହତ ରହିଛି । କିନ୍ତୁ ପୁଣି ମଧ୍ୟ ଏକ ମେଣ୍ଟ ଭାବେ ଭି.ସି.ଆର୍.ଓ.ର ନିଜସ୍ୱ ଯୋଜନା ଓ କାର୍ଯ୍ୟକ୍ରମମାନ ବର୍ଷସାରା ପରିଚାଳିତ ହୋଇଥାଏ, ଏବଂ ସେଗୁଡିକ ତା'ର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରୁ ସଂଯୋଜିତ ହୋଇଥାଏ ।

**ମୁକାବିଲା କରାଯାଇଥିବା ପ୍ରମୁଖ ପ୍ରସଙ୍ଗମାନ**

ଶିଶୁମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ପ୍ରଭାବିତ କରୁଥିବା ବହୁ ପ୍ରସଙ୍ଗ ଉପରେ ଭି.ସି.ଆର୍.ଓ. ଏକ ସମନ୍ୱୀତ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିଆସିଛି । ଏଭଳି ବହୁତ ଦୃଷ୍ଟାନ୍ତ ଅଛି, ଯେଉଁଠି ମାନବାଧିକାରର ଉଲ୍ଲଂଘନ ଏବଂ ସୁରକ୍ଷା ତଥା ଭାଗିଦାରିତାର ପ୍ରସଙ୍ଗ ଜଡିତ ଥିବାରୁ ଭି.ସି.ଆର୍.ଓ. ଅନେକ ବିଷମ ଓ ଆପତ୍ କାଳୀନ ସ୍ଥିତିରେ ନିଜର ଭୂମିକା ପାଳନ କରିଛି । ଯାହାହେଉନା କାହିଁକି, ବିଗତ ବର୍ଷଗୁଡିକରେ ଭି.ସି.ଆର୍.ଓ. ଯେଉଁସବୁ ପ୍ରସଙ୍ଗଗୁଡିକୁ ଗୁରୁତ୍ୱପୂର୍ଣ୍ଣ ମନେ କରି ଚିହ୍ନଟ ଓ ମୁକାବିଲା କରିଛି, ସେଗୁଡିକ ହେଲା ଗୁଣାତ୍ମକ ସ୍କୁଲ୍ ଶିକ୍ଷା ପାଇଁ ଅଧିକାର, ସମରୂପ ଶିକ୍ଷା ବ୍ୟବସ୍ଥା, ଶିଶୁ ଶ୍ରମ ସମସ୍ୟାବଳୀ, ମଝିରେ ପାଠପଢା ଛାଡିବା ସମସ୍ୟା, କିଶୋର ନ୍ୟାୟ, ଶିଶୁ ମୃତ୍ୟୁ, ଶିକ୍ଷା ପାଇଁ ଅଧିକାର, ଖାଦ୍ୟ ପାଇଁ ଅଧିକାର, ସୁରକ୍ଷା ଓ ଭାଗିଦାରିତା ସଂକ୍ରାନ୍ତ ପ୍ରସଙ୍ଗମାନ, ଅନାହାର, ଅପପୁଷ୍ଟି ତଥା ଜମି ହସ୍ତାନ୍ତର, ଯେଉଁସବୁ କି ଶିଶୁକୁ ପ୍ରଭାବିତ କରିଥାଏ ତଥା ପ୍ରାକୃତି ବିପର୍ଯ୍ୟୟ, ଜୀବିକା ଏବଂ ଖାଦ୍ୟ ନିରାପତ୍ତା ଇତ୍ୟାଦି ।

**ମୌଳିକ ମୂଲ୍ୟବୋଧସମୂହ**

ମୌଳିକ ମୂଲ୍ୟବୋଧ ଦୃଷ୍ଟିରୁ ଭି.ସି.ଆର୍.ଓ. ପ୍ରକ୍ରିୟା କେତେକ ମାର୍ଗଦର୍ଶୀ ନୀତିକୁ ମାନି ପରିଚାଳିତ ହୋଇଥାଏ । ଏହି ମୂଲ୍ୟବୋଧ ଗୁଡିକ ହେଉଛି ସେହିସବୁ ସମୁଚିତ ମାନଦଣ୍ଡସମୂହ, ଯାହାକୁ ଅନୁପାଳନ କରି ଭି.ସି.ଆର୍.ଓ. ପ୍ରକ୍ରିୟାର ସମସ୍ତ କାର୍ଯ୍ୟକଳାପ ସମ୍ପାଦିତ ହୋଇଥାଏ । ଏହି ମୌଳିକ ମଲ୍ୟବୋଧଗୁଡିକ ହେଲା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଗଣତାନ୍ତ୍ରିକ କାର୍ଯ୍ୟପଦ୍ଧତି, ସମୂହ ନେତୃତ୍ୱ, ଅହିଂସା ଏବଂ ସମତା ।

**Contact details:** Plot No: 1030/2131, Satbdi Nagar, Unit-8, Bhubaneswar-3, Odisha
Ph. 9438301818, E-mail: vcrorissa@yahoo.co.in